


# ବେଦାନ୍ତ ଲୋକଙ୍କ ପାଇଁ ଜଳ ଯୋଗାଣକୁ ସମ୍ପ୍ରସାରିତ କରିଛି

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଗ୍ରୀଷ୍ମଋତୁରେ ଗ୍ରାମୀଣ ଓଡ଼ିଶାରେ ଜଳ କଷ୍ଟ ଦୂର କରିବା ପାଇଁ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନ କାରୀ ବେଦାନ୍ତ ଆଲୁମିନିୟମ, ଓଡ଼ିଶାର କୁରାଲୋଇ, ଜାମଖାନୀ ଏବଂ ଘୋଘରପାଲି ଅଞ୍ଚଳରେ ପାଣି ଟ୍ୟାଙ୍କର ଏବଂ ପାନୀୟ ଜଳ କିଓସ୍କ ମାଧ୍ୟମରେ ଜଳ ଯୋଗାଣକୁ ସୁଦୃଢ଼ କରିଛି। ଏହି ପଦକ୍ଷେପ ଦ୍ୱାରା ଦୈନିକ ଅତିରିକ୍ତ ୭୨,୦୦୦ ଲିଟର ପାନୀୟ ଜଳ ଯୋଗାଇ ଦିଆଯାଉଛି, ଯାହା କମ୍ପାନୀର ପ୍ରୋଜେକ୍ଟ ନିର୍ମଳ ପଦକ୍ଷେପ ଅଧୀନରେ ସ୍ଥାନୀୟ ସମ୍ପ୍ରଦାୟକୁ ଦୈନିକ ଯୋଗାଇ ଦିଆଯାଉଥିବା ୨.୪୬ଲକ୍ଷ ଲିଟର ଜଳର ପରିପୂରକ ଅଟେ। ପ୍ରକଳ୍ପ କାର୍ଯ୍ୟକାରୀ ହେବା ପୂର୍ବରୁ, ଅନେକ ଜନବସତି ୬ରୁ ୧୨ ଏନ୍.ଟି.ୟୁ. (ନେଫେଲୋମେଟ୍ରିକ୍ ଟର୍ବିଡିଟି




ୟୁନିଟ୍) ପର୍ଯ୍ୟନ୍ତ ଟର୍ବିଡିଟି ସ୍ତର ଥିବା ଜଳ ଉତ୍ସ ଉପରେ ନିର୍ଭର କରୁଥିଲା। ବୋରୱେଲ୍ ସହିତ ବିଶୋଧନ ପ୍ରଣାଳୀର କାର୍ଯ୍ୟକାରିତା, ବର୍ତ୍ତମାନ ଅନୁମତିପ୍ରାପ୍ତ ସୀମା (୧ ଏନଟିୟୁ) ମଧ୍ୟରେ ବଜାୟ ରଖାଯାଇଛି, ଯାହା ଘରୋଇ ଜଳ ସୁରକ୍ଷାକୁ ବୃଦ୍ଧି କରୁଛି ଏବଂ ନିରାପଦ ବ୍ୟବହାରକୁ ସମର୍ଥନ କରୁଛି। ଗର୍ଜନଜୋର ଗାଁର ସରପଞ୍ଚ ସୁନନ୍ଦା କାଲୋ କହିଛନ୍ତି, 'ଗ୍ରୀଷ୍ମ ଋତୁରେ ଟ୍ୟାଙ୍କର ମାଧ୍ୟମରେ ଯୋଗାଇ ଦିଆଯାଉଥିବା ପାଣି ଆମ ଲୋକଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ହୋଇଛି। ଏହା ଆମର ଦୈନନ୍ଦିନ ଘରୋଇ କାର୍ଯ୍ୟକଳାପକୁ ଅଧିକ ପରିଚାଳନାଯୋଗ୍ୟ କରିଛି ଏବଂ ଜଳ ଅଭାବରୁ ସୃଷ୍ଟି ହୋଇଥିବା ଚାପକୁ ହ୍ରାସ କରିଛି। ଏହି ସମୟୋଚିତ ସହାୟତା ଆମର ଦିନଚର୍ଯ୍ୟାକୁ ସହଜ କରିଛି ଏବଂ ତୀବ୍ର ଜଳ ଅଭାବ ସମୟରେ ଆମର ଜୀବନଧାରଣ ସ୍ଥିତିରେ ଉନ୍ନତି ଆଣିଛି।' ବେଲପାହାଡ଼ର ୧୭ ନମ୍ବର ୱାର୍ଡର କାଉନସିଲର ଆଶା ତ୍ରିପାଠୀ କହିଛନ୍ତି, 'ବେଦାନ୍ତର ଏହି ପ୍ରୟାସକୁ ଆମେ ପ୍ରକୃତରେ ପ୍ରଶଂସା କରୁଛୁ। ଗ୍ରୀଷ୍ମ ଋତୁରେ, ଯେତେବେଳେ ଜଳର ଆବଶ୍ୟକତା ସର୍ବାଧିକ ଥାଏ, ଏହି ସହାୟତା ସଙ୍କଟକୁ ହ୍ରାସ କରିବାରେ ଆମକୁ ସାହାଯ୍ୟ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ଏବଂ ତୃଣମୂଳ ସ୍ତରର କ୍ରୀଡା ଏବଂ ସଂସ୍କୃତିରେ ବ୍ୟାପକ ପଦକ୍ଷେପ ମାଧ୍ୟମରେ ଏହାର ପରିଚାଳନା କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ପ୍ରତିଶ୍ରୁତିବଦ୍ଧ। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଗୋଷ୍ଠୀ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରି, କମ୍ପାନୀ ନିଶ୍ଚିତ କରେ ଯେ ଏହାର ହସ୍ତକ୍ଷେପ ଏହାର ପରିଚାଳନା କ୍ଷେତ୍ରରେ ବାସ୍ତବ ସାମାଜିକ-ଅର୍ଥନୈତିକ ପ୍ରଗତି ଦିଗରେ ଆଗେଇ ନେବ।

# ଜଳେଶ୍ୱର ପଞ୍ଚାୟତ ସମିତିରେ ଜରୁରୀ କାଳୀନ ବୈଠକ



ଜଳେଶ୍ୱର, (ଭାସ୍କର ନ୍ୟୁଜ): ଓଡିଶାର ଡବଲ ଇଞ୍ଜିନ ସରକାରକୁ ହାଇକୋର୍ଟଙ୍କ ଝଟକା। ପଞ୍ଚାୟତ ସମିତିର କ୍ଷମତାକୁ ସଂକୁଚିତ କରା ଯାଉ ଥିବାରୁ ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟର ଅନ୍ତରୀଣ ଆଦେଶ ପରିପ୍ରେକ୍ଷୀରେ ଜଳେଶ୍ୱର ପଞ୍ଚାୟତ ସମିତିର ଏକ ଜରୁରୀକାଳୀନ ବୈଠକ ୨୬ ତାରିଖ ମଙ୍ଗଳବାର ଅପରାହ୍ନ ୩ ଘଟିକା ୩୦ ମିନିଟ ସମୟରେ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ଗ୍ରାମାଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ଓଡିଶା ରାଜ୍ୟ ସରକାର 'ବିକଶିତ ଗାଁ ବିକଶିତ ଓଡିଶା' ଯୋଜନାରେ ବିଭିନ୍ନ ପ୍ରକଳ୍ପ ଚୟନ ନିମନ୍ତେ ଓଡିଶା ପଞ୍ଚାୟତ ସମିତି ଆଇନ-୧୯୫୯ ଏବଂ ଏକାଉଣ୍ଟିଙ୍ଗ ପ୍ରସିଡ଼ିଅର ରୋଲ୍ସ-୨୦୦୨କୁ ଉଲଂଘନ କରା ଯାଇ ଥିବାରୁ ଏହି ନୂତନ ନିର୍ଦ୍ଦେଶାବଳୀକୁ ଚ୍ୟାଲେଞ୍ଜ କରି ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ମାନ୍ୟବର ଓଡିଶା ଉଚ୍ଚ ନ୍ୟାୟାଳୟରେ ଏକ ରିଟ ପିଟିସନ ଡବ୍ଲୁପି(ସି) ନଂ-୪୩୧୮/୨୦୨୬ ମୂଳେ ଦାଖଲ କରିଥିଲେ। ଉଚ୍ଚ ନ୍ୟାୟାଳୟର ମାନ୍ୟବର ନ୍ୟାୟାଧୀଶ ଭି.ନରସିଂହ ଏହି ରିଟ ପିଟିସନର ଶୁଣାଣୀ କରି ଜଳେଶ୍ୱର ପଞ୍ଚାୟତ ସମିତି ପକ୍ଷରୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ପ୍ରକଳ୍ପ ତାଲିକା ଗୁଡିକୁ ଅନୁମୋଦନ କରିବା ପାଇଁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ନିକଟରେ ଦାଖଲ କରା ଯାଇଥିବା ପ୍ରକଳ୍ପ ତାଲିକାକୁ ଚୂଡାନ୍ତ କରିବା ପୂର୍ବରୁ ପଞ୍ଚାୟତ ସମିତିର ଉନ୍ନୟନ ମୂଳକ କାର୍ଯ୍ୟକୁ ଦୃଷ୍ଟିରେ ରଖି ପଞ୍ଚାୟତ ସମିତି ଦ୍ୱାରା ଦାଖଲ ହୋଇଥିବା ପ୍ରକଳ୍ପ ତାଲିକାକୁ ନେବାକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ବାଲେଶ୍ୱର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ବ୍ଲକ ଅଧ୍ୟକ୍ଷ ପଞ୍ଚାୟତ ସମିତି ବୈଠକରେ ସୂଚନା ଦେଇଥିଲେ। ଉକ୍ତ ବୈଠକରେ ହରିଶ୍ଚନ୍ଦ୍ର ଯୋଜନାରେ ହିତାଧିକାରୀ ମାନଙ୍କୁ ୨ ମାସ ହେବ ଆର୍ଥୀକ ସହାୟତା ମିଳୁ ନ ଥିବା ସମ୍ପର୍କରେ ସରପଞ୍ଚ ଅରୁଣ ସେନାପତି ଦୃଷ୍ଟି ଆକର୍ଷଣ କରିଥିଲେ। ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ଏଠାରୁ ବଦଳି ହୋଇ ଥିବାରୁ ତାଙ୍କ ସ୍ଥାନରେ କଣ୍ଟିଜେନ୍ସି ଫଣ୍ଡରୁ ଅସ୍ଥାୟୀ ନିଯୁକ୍ତି କରିବାକୁ ବିଡିଓ ଗୌରାଙ୍ଗ ଚରଣ ଘୋଷ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ, ବ୍ଲକ ଉପାଧ୍ୟକ୍ଷା ସଞ୍ଜିତା ସେନାପତି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନସୂୟା ପ୍ରଧାନ, ବ୍ଲକ ଜିଡିପିଓ ସବ୍ୟସାଚୀ ଦାସ, ସିପି ସୁଜିତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିବା ବେଳେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରବି ଲାବଣ୍ୟ ଗୌରବ ସମ୍ମାନରେ ସମ୍ମାନୀତ ହେବେ ଅଭିନେତା ଅଶ୍ରୁମୋଚନ

ଧର୍ମଶାଳା, (ଭାସ୍କର ନ୍ୟୁଜ୍): ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ୮୯ତମ ଜନ୍ମ ଜୟନ୍ତୀ ଉତ୍ସବ ଆସନ୍ତା ୩୦ ତାରିଖ ଶନିବାର ଅନୁଷ୍ଠିତ ହେବାକୁ ଥିବାବେଳେ ଏ ନେଇ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଁଚିଛି। ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନ ପକ୍ଷରୁ ଧର୍ମଶାଳା ବ୍ଲକ ଅନ୍ତର୍ଗତ କାଏମାସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଛି। ଅନୁଷ୍ଠାନର ଉପଦେଷ୍ଟା ତଥା ଓଡ଼ିଶା ଭାସ୍କରଖବରକାଗଜର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକଙ୍କ ସଭା-ପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି



ସଭାରେ ବହୁ ବିଶିଷ୍ଟ ରାଜନେତା, ବରିଷ୍ଠ ସାମ୍ବାଦିକ ତଥା ଶିକ୍ଷାବିତ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ କଳାକ୍ଷେତ୍ରରେ ଓଡ଼ିଆ ଚଳଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି ଏବଂ ଶିକ୍ଷା କ୍ଷେତ୍ରରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ପଦ୍ମନାଭ ସାହୁଙ୍କୁ ରବି ଲାବଣ୍ୟ ଗୌରବ ସମ୍ମାନରେ ସମ୍ମାନିତ କରାଯିବା ପାଇଁ ସ୍ଥିର କରାଯାଇଛି। ସେହିପରି ଧର୍ମଶାଳା ବ୍ଲକର ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ପାଇଥିବା ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ରବି ଲାବଣ୍ୟ ଛାତ୍ର ପ୍ରତିଭା ସମ୍ମାନ ପ୍ରଦାନ କରାଯିବ। ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମରେ ଉପସ୍ଥାପକ ଭାବେ ଯୋଗଦେବା ସହିତ କଟକ ନବ କଳିକା ଅନୁଷ୍ଠାନ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯିବ ବୋଲି ଜଣାଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

# ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଏକାଧିକ ପଦକ୍ଷେପ ଗ୍ରହଣ କରିଛି ଆଦିତ୍ୟ ବିର୍ଲା ଗ୍ରୁପ୍

ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଗ୍ରଣୀ ଧାତବ କମ୍ପାନୀ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡ ସମ୍ବଲପୁର ଜିଲ୍ଲାର ହୀରାକୁଦରେ ଉତ୍ତମ ଶିକ୍ଷା ଆହରଣକୁ ପ୍ରୋତ୍ସାହିତ କରିବା ନିମନ୍ତେ ଏକାଧିକ ପଦକ୍ଷେପ ଗ୍ରହଣ କରିଛି। ଏହି ପ୍ରୟାସଗୁଡିକର ଅଂଶ ଭାବରେ ହିଣ୍ଡାଲ୍‌କୋ ୨୩ଟି ବିଦ୍ୟାଳୟରେ ୫,୧୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ବହି, ଖାତା ଏବଂ ବିଦ୍ୟାଳୟ ଉପକରଣ ବଣ୍ଟନ କରିଥିଲା। ସମସ୍ତ ପ୍ରୟାସର ପ୍ରଭାବ ସମ୍ପର୍କରେ ଆଲୋକପାତ କରି ଧନକଉଡା ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) କରନ ଶର୍ମା କହିଥିଲେ, 'ଏହି ପରିମାଣର ସମର୍ଥନ- ପ୍ରୋଜେକ୍ଟ ଅନ୍ୱେଷା ଅଧୀନରେ ଡିଜିଟାଲ ଶ୍ରେଣୀଗୃହର ବିକାଶ ସାଧନ ଦ୍ୱାରା ସମସ୍ତ ୨୩ଟି ବିଦ୍ୟାଳୟରେ ଭିତ୍ତିଭୂମି ସୁଦୃଢ କରୁଛି ଏବଂ ୫୦୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚୁଛି, ଯେଉଁଠାରେ ଶିକ୍ଷକ ନିଅଣ୍ଟ ମୁକାବିଲା କରିବା ନିମନ୍ତେ ଓଡ଼ିଶା ବୋର୍ଡ ଅନୁମୋଦିତ ପାଠ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଛି ଏବଂ ଏହା ଗ୍ରାମାଞ୍ଚଳରେ




ସାମଗ୍ରିକ ଶିକ୍ଷା ଆହରଣ ପରିବେଶରେ ଉଲ୍ଲେଖନୀୟ ଉନ୍ନତି ଆଣିବା ସହିତ ଛାତ୍ରଛାତ୍ରୀଙ୍କର ଅଂଶଗ୍ରହଣରେ ବୃଦ୍ଧି ଘଟାଇଛି।' ଏକ ଦାୟିତ୍ୱସମ୍ପନ୍ନ କର୍ପୋରେଟ ସଂସ୍ଥା ଭାବରେ ଏବଂ ସମାଜ ପାଇଁ ପ୍ରତିଦାନ ରଖିବାର ନିରନ୍ତର ପ୍ରେରଣାରେ ପରିଚାଳିତ ହୋଇ ଆଦିତ୍ୟ ବିର୍ଲା ଗ୍ରୁପ୍ ଓଡ଼ିଶରେ ୫ ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚିଛି ଏବଂ ୧୨୮ଟି ଗ୍ରାମରେ ୨ଲକ୍ଷରୁ ଅଧିକ ଲୋକଙ୍କ ଜୀବନକୁ ସ୍ପର୍ଶ କରୁଛି। ଗ୍ରୁପ୍‌ର ସିଏସଆର୍ କାର୍ଯ୍ୟକ୍ରମ ରାଜଶ୍ରୀ ବିର୍ଲାଙ୍କ ଅଧ୍ୟକ୍ଷତାରେ ଆଦିତ୍ୟ ବିର୍ଲା ସେଣ୍ଟର ଫର୍ କମ୍ୟୁନିଟି ଇନିସିଏଟିଭସ୍ ଆଣ୍ଡ ରୁରାଲ ଡେଭେଲପମେଣ୍ଟ ଅଧୀନରେ କାର୍ଯ୍ୟକାରୀ କରାଯାଉଛି। ଗ୍ରୁପର ଲକ୍ଷ୍ୟ ହେଉଛି ଏହା ନିଜର ବ୍ୟବସାୟିକ କାର୍ଯ୍ୟ ପରିଚାଳନା କରୁଥିବା ଅଞ୍ଚଳରେ ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ବିକାଶରେ ସକ୍ରିୟ ଅବଦାନ ରଖିବା। ଏଭଳି କରିବା ଦ୍ୱାରା ସମାଜର ଦୁର୍ବଳ ବର୍ଗଙ୍କ ନିମନ୍ତେ ଏକ ଉତ୍ତମ, ଦୀର୍ଘସ୍ଥାୟୀ ଜୀବନ ଧାରଣ ପନ୍ଥା ନିର୍ମାଣ ଏବଂ ଦେଶର ମାନବ ସମ୍ବଳ ସୂଚୀରେ ଉତ୍‌ଥାନ କରାଯାଉଛି। ଗ୍ରୁପ୍‌ର ସିଏସଆର ଲକ୍ଷ୍ୟ ୟୁଏନଏସ୍‌ଡିଜି ଲକ୍ଷ୍ୟ ସମୂହ ଆଧାରରେ ଦାରିଦ୍ର୍ୟ ଦୂରୀକରଣ ଏବଂ କ୍ଷୁଧାରୁ ମୁକ୍ତି ସୁନିଶ୍ଚିତ କରିବା ହୋଇଛି।

## ବାଲି ବୋଝେଇ ହାଇୱାରେ ପାଲ ଢାଙ୍କୁଥିବା ବେଳେ ହାତ ଜଳିଯିବା ଘଟଣା

# ୩୦ଲକ୍ଷ କ୍ଷତିପୂରଣ ସହ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ଅଞ୍ଚଳରେ ଜଣେ ୧୪ ବର୍ଷର ନାବାଳକ ଏକ ବାଲି ବୋଝେଇ ହାଇୱା ରେ ପାଲ ଢାଙ୍କୁ ଥିବା ୧୧ କେ.ଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୋଟିଏ ହାତ ହରାଇଛନ୍ତି। ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଉଚ୍ଚ ନ୍ୟାୟାଳୟ ର ଆଇନଜୀବୀ ତଥା ମାନବାଧିକାର କର୍ମୀ ପ୍ରିୟବ୍ରତ ବିଶ୍ୱାଳ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଏକ ମାମଲା (ନଂ-୧୨୦୩୭/ଆଇଏନ/୨୦୨୬) ରୁଜୁ କରିଛନ୍ତି। ବିଶ୍ୱାଳ ନାବାଳକଙ୍କୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ମାଗଣା ଚିକିତ୍ସା, ପୁନର୍ବାସ, କୃତ୍ରିମ ଅଙ୍ଗ ସହାୟତା ଓ ଶିକ୍ଷା ସହାୟତା ଯୋଗାଇବାକୁ ନିର୍ଦ୍ଦେଶ ଦେବାକୁ କମିଶନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ସୂଚନା ଅନୁଯାଇ ନନ୍ଦିପଦା ଥାନା ଶାଳଣିଆଁ ପଞ୍ଚାୟତ ଅନ୍ତର୍ଗତ ଏଲକଣିଆଁ ଗ୍ରାମର ସଦାନନ୍ଦ ସାହୁଙ୍କ ପୁଅ ସୋମ୍ୟଜିତ ସାହୁ (୧୪) ଗତ



ମାର୍ଚ୍ଚ ମାସ ୧୧ ତାରିଖରେ ହାବଳେଶ୍ୱର ହାଇସ୍କୁଲ୍ ନିକଟରେ ଏକ ବାଲି ବୋଝେଇ ହାଇୱା ଟ୍ରକରେ (ଓଡି- ୦୯ପି-୭୭୪୪) ପାଲ ଢାଙ୍କୁଥିବା ବେଳେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ।ଚ ସୋମ୍ୟଜିତଙ୍କୁ ପରିବାର ଲୋକ ଭୁବନେଶ୍ୱର ଏକ ଘରୋଇ ଡାକ୍ତର ଖାନାରେ ଚିକିତ୍ସା କରାଇଥିଲେ। ନାବାଳକଙ୍କ ଡାହାଣ ହାତଟି ସମ୍ପୂର୍ଣ୍ଣ ଜଳି ଯାଇଥିବାରୁ ହାତଟିକୁ କାଟିବା ସହ ଡାକ୍ତରଖାନା ରେ ଦୀର୍ଘ ୪୦ ଦିନ ପରେ ଘରକୁ ଫେରିଛନ୍ତି। ନାବାଳକଙ୍କୁ ରାତିରେ ଏଭଳି କାର୍ଯ୍ୟରେ ନିୟୋଜିତ କରିଥିବା ଶାଳଣିଆଁ ପଞ୍ଚାୟତ ଅନ୍ତର୍ଗତ ଏଲକଣିଆଁ ଗ୍ରାମର ଯୋଗେନ୍ଦ୍ର ବେହେରା ଓ ତାଙ୍କ ପୁଅ ସୁଭାଶିଷ ବେହେରାଙ୍କ ବିରୁଦ୍ଧରେ ନାବାଳକ ର ମା ସୌଦାମିନୀ ସାହୁ ଗତ ୧୩.୦୫.୨୦୨୬ ରିଖ ରେ ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୌଦାମିନୀଙ୍କ ଅଭିଯୋଗ ଅନୁଯାଇ ତାଙ୍କ ଅଜାଣତରେ ଯୋଗେନ୍ଦ୍ରଙ୍କ ସାନପୁଅ ସୁଭାଶିଷ ଘଟଣା ଦିନ ନିଜ ମୋବାଇଲରୁ ସୋମ୍ୟଜିତକୁ ଫୋନ କରିବା ସହ ଟଙ୍କାର ପ୍ରଲୋଭନ ଦେଖାଇ ଗାଡିର ହେଲପର ହିସାବରେ ଡାକି ନେଇଥିଲେ। ନାବାଳକର ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ସ୍ୱାମୀ ଏକ ଗାଡି ଗ୍ୟାରେଜ କରି ପରିବାର ପ୍ରତିପୋଷଣ କରନ୍ତି। ଡାକ୍ତରଖାନାରେ ପୁଅର ଚିକିତ୍ସା ନିମନ୍ତେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଯୋଗେନ୍ଦ୍ର ଏବଂ ତାଙ୍କ ପୁଅ ସୁଭାଶିଷ ଆଉ ସହଯୋଗ କରୁନଥିବା ସୌଦାମିନୀ ଅଭିଯୋଗ କରିଛନ୍ତି। ପୁଅର ଚିକିତ୍ସା ପାଇଁ ଟଙ୍କା ମାଗିବାରୁ ଯୋଗେନ୍ଦ୍ର ତାଙ୍କୁ ବିଭିନ୍ନ ପ୍ରକାର ଧମକ ଦେଉଥିବା ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ସୌଦାମିନୀଙ୍କ ଲିଖିତ ଅଭିଯୋଗ ଆଧାରରେ ନନ୍ଦିପଦା ଥାନା ପୁଲିସ ଅଭିଯୁକ୍ତ ଯୋଗେନ୍ଦ୍ର ଓ ତାଙ୍କ ପୁଅ ଶୁଭାଶିଷଙ୍କ ବିରୁଦ୍ଧରେ ଏକ ମାମଲା ରୁଜୁ କରିଛି। ସୌଦାମିନୀଙ୍କ ଅଭିଯୋଗକୁ ଭିତ୍ତିକରି ମାନବାଧିକାର କର୍ମୀ ବିଶ୍ୱାଳ କେନ୍ଦୁଝର ଜିଲ୍ଲାପାଳ ଓ ଏସପିଙ୍କ ଠାରୁ ଦୋଷୀଙ୍କ ବିରୁଦ୍ଧରେ ନିଆଯାଇ ଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ରିପୋର୍ଟ ତଲବ କରିବାକୁ ଆୟୋଗଙ୍କ ନିକଟରେ ଦାବି କରିଛନ୍ତି। ଘଟଣାର ଗୁରୁତ୍ୱକୁ ଅନୁଭବ କରି ଏହି ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ଗୃହ ବିଭାଗର ପ୍ରମୁଖ ସଚିବଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଉଲ୍ଲେଖ କରିଛନ୍ତି। ଏହାସହ ଶିଶୁ ଶ୍ରମ ନିୟୋଜନ, ଗୁରୁତର ଆହତ, ଅପରାଧିକ ଅବହେଳା ଓ ନାବାଳକଙ୍କ ଜୀବନକୁ ବିପଦରେ ପକାଇବା ଭଳି ଅଭିଯୋଗରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ପୋଲିସ ତଦନ୍ତରେ କୌଣସି ଅବହେଳା କିମ୍ବା ଉଦ୍ଦେଶ୍ୟମୂଳକ ନିଷ୍କ୍ରିୟତା ପ୍ରମାଣିତ ହେଲେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଅନୁରୋଧ କରାଯାଇଛି। ସୂଚନା ଅନୁଯାଇ ଅଭିଯୁକ୍ତ ଯୋଗେନ୍ଦ୍ର ବାଲି ଚୋରାଚାଲାଣ, ଖଣି ଅଧିକାରୀଙ୍କୁ ମାଡ ମାରିବା ଅଭିଯୋଗରେ କେନ୍ଦୁଝର ସ୍ପେଶାଲ ସ୍କ୍ୱାର୍ଡ ଦ୍ୱାରା ଗତ ୧୮ ତାରିଖରୁ ଗିରଫ ହୋଇ ଆନନ୍ଦପୁର ବିଚାର ବିଭାଗୀୟ ହାଜତରେ ଅଛନ୍ତି।

# ଅରିଷଣ୍ଡ ପଞ୍ଚାୟତରେ ଚୋରଙ୍କ ଆତଙ୍କ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅରିଷଣ୍ଡ ପଂଚାୟତରେ ଚୋରଙ୍କ ଆତଙ୍କ ଦେଖା ଦେଇଛି। ଚୋରମାନେ ଘରେ ପଶି ଟଙ୍କା, ସୁନା ଗହଣା ଲୁଟି ନେଉଥିବା ବେଳେ ଚୋରଙ୍କ ଭୟରେ ଗ୍ରାମବାସୀମାନେ ଘର ଛାଡ଼ି କେଉଁଆଡ଼େ ଯାଇପାରୁ ନାହାନ୍ତି। ଯାହାକୁ ନେଇ ବିଭିନ୍ନ ଲୋକଙ୍କ ଘରେ ଏହି ଠାଉଆ ଚୋର ଗତିବିଧି ଲକ୍ଷ୍ୟ କରି କଳାକନା ବୁଲାଉଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ଅରିଷଣ୍ଡ ପଂଚାୟତ ବିଜିପୁର ଗ୍ରାମରେ ଚୋରଙ୍କ ଆତଙ୍କ ଦେଖା ଦେଇଛି। କେତେକ ଠାଉଆ ସ୍ଥାନୀୟ ଚୋର ଗ୍ରାମ ଭିତରେ ବୁଲି ଗତିବିଧି ଲକ୍ଷ୍ୟ କରି ଚୋରୀ କରୁଛନ୍ତି। କେଉଁ ପରିବାର ଘର ଛାଡ଼ି କେଉଁଆଡ଼େ ଗଲେ ସେହିଦିନ ରାତ୍ରରେ ଚୋରମାନେ ତାଙ୍କ ଘରେ ପଶି ସମସ୍ତ ଜିନିଷ ଲୁଟି ନେଉଛନ୍ତି। ଏହି ଘଟଣାକୁ ନେଇ ଗ୍ରାମରେ ଏକ ପ୍ରକାର ଆତଙ୍କ ଖେଳି ଯାଇଛି। ଏହି ଚୋରମାନେ ପଂଚାୟତର ବିଭିନ୍ନ ଗ୍ରାମକୁ ଯାଇ କାମ କରିବା ବାହାନାରେ ଠାବ କରି ଲୁଟ୍‌ପାଟ ଚଳାଇଛନ୍ତି। ଏହି ଘଟଣା ପ୍ରତି ନିମାପଡ଼ା ପୋଲିସ ଦୃଷ୍ଟି ଦେଇ ଚୋରଙ୍କ ଦାଉରୁ ଗ୍ରାମବାସୀ ମାନଙ୍କୁ ସୁରକ୍ଷା ଦେବା ପାଇଁ ଲୋକମାନେ ଦାବି କରିଛନ୍ତି । ଏହି ପଂଚାୟତରେ ଅନେକ ଧଳା ଜହର ଖିଆ ବ୍ୟକ୍ତି ରହିଥିବାରୁ ନିଶା ସେବନ କରିବା ପାଇଁ ଅନ୍ୟ ଆଡୁ କେତେକ ବ୍ୟକ୍ତି ମଧ୍ୟ ନିର୍ଜନ ରାତ୍ରରେ ଆସି ନାଳବନ୍ଧ ରାସ୍ତାରେ ଆସର ଜମାଉଛନ୍ତି। ରାସ୍ତାରେ ଯାତାୟତ କରୁଥିବା ଲୋକ ମାନଙ୍କୁ ମଧ୍ୟ ଅନେକ ସମୟରେ ଭୟଭୀତ କରାଉଛନ୍ତି।

MANAPPURAM FINANCE LTD.

CIN : L65910KL1992PLC006623
Registered Office: W - 4/ 638A, Manappuram House, P.O. Valapad, Thrissur - 680 567, Kerala, India

## ନିଲାମୀ ସୂଚନା

ବିଶେଷ ରୂପେ ବନ୍ଧକ କର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚୀତ କରାଇ ଦିଆଯାଉଛି ଯେ, ନିମ୍ନ ଖାତାରେ ରଖାଯାଇଥିବା ବନ୍ଧକ ସୁନା ଅଳଙ୍କାରର ସାର୍ବଜନିକ ନିଲାମ ନିମ୍ନଲିଖିତ ଶାଖାରେ 16.06.2026 ତାରିଖ ଦିନ ସକାଳ 10 ଘଟିକା ଠାରୁ ଆରମ୍ଭ ହେବାର ପ୍ରସ୍ତାବ ରଖାଯାଇଛି । ଆମେ ସେହି ବାକିଦାର ଗ୍ରାହକଙ୍କ ସ୍ୱର୍ଣ୍ଣ ଅଳଙ୍କାର ନିଲାମ କରୁଛୁ ଯେଉଁମାନଙ୍କୁ ପଞ୍ଜିକୃତ ପତ୍ର ଜରିଆରେ ସୂଚୀତ କରାଇବା ପରେ ମଧ୍ୟ ସେମାନେ ସେମାନଙ୍କ ଋଣ ରାଶି ପଇଠ କରିବାରେ ବିଫଳ ହୋଇଛନ୍ତି । ନିଲାମ ନ କରାଯାଇଥିବା ସାମଗ୍ରୀକୁ କୌଣସି ପୂର୍ବ ସୂଚନା ବ୍ୟତୀତ ଯେକୌଣସି ଅନ୍ୟ ଦିନରେ ନିଲାମ କରାଯିବ । ନିଲାମର ସ୍ଥାନ କିମ୍ବା ତାରିଖରେ ପରିବର୍ତ୍ତନ (ଯଦି କିଛି ହୁଏ) କୌଣସି ପୂର୍ବ ସୂଚନା ବ୍ୟତୀତ ନିଲାମ କେନ୍ଦ୍ରରେ ତଥା ୱେବ୍‌ସାଇଟ୍‌ରେ ପ୍ରଦର୍ଶିତ କରାଯିବ ।

ବନ୍ଧକ ସୂଚୀ :

ଆସ୍କା ରୋଡ୍, 0110540700047640, 7985, 0705, 0872, 1023, 2084, 2218, 3860, 3868, 5863, 0110540730064818, 9014, 0341, 1802, 2494, 2956, 6253, 0298, ଆସ୍କା, ଲକ୍ଷ୍ମୀ ବଜାର, 0115990700041985, 2281, 2856, 4825, 5052, 5085, 5101, 5308, 5366, 5483, 5786, 5840, 5980, 5986, 6018, 6067, 6114, 6564, 6579, 6631, 0115990730133197, 3345, 3553, 4065, 4075, 4124, 4139, 4392, 4446, 4983, 5992, 6169, 6406, 6823, 0372, ବ୍ରହ୍ମପୁର 1, 0108500700046094, 8988, 9658, 9873, 9967, 0493, 0627, 1797, 1852, 1878, 1949, 0108500730052816, 9061, 0733, 1449, 1477, 2117, 2736, 3474, 3475, 3661, 4157, 4599, 5940, ବ୍ରହ୍ମପୁର ପୁରୁଣା ବସ୍ ଷ୍ଟାଣ୍ଡ, 0109090700044982, 5526, 8040, 8384, 8525, 8579, 8647, 8835, 8901, 9029, 9256, 9288, 9301, 9683, 9772, 9879, 9968, 0152, 0933, 0109090730075155, 6969, 7385, 7750, 7756, 8615, 9738, 0141, 0335, 0974, 1169, 1171, 1479, 2579, 2964, 3267, 4951, 5229, 5718, 5719, 0417, ଭଞ୍ଜନଗର, 0136170700018888, 9068, 1597, 1874, 1954, 2054, 2292, 2371, 2532, 2568, 4063, 4170, 4204, 0136170730076740, 5916, 7235, 7276, 7693, 7990, 8139, 8252, 8931, 9093, 9411, 9984, 0320, 1784, 3134, ବିଗ୍ ବଜାର, 0108910700039567, 2865, 3444, 3504, 5095, 0108910730044957, 5161, 5384, 6547, 6574, 6575, 8999, 9065, ଛତ୍ରପୁର, ଓଡ଼ିଶା, 0128060700045198, 7574, 7646, 7834, 7881, 8050, 8316, 8329, 8368, 8376, 8470, 8552, 8645, 8950, 9003, 9790, 0665, 0736, 0790, 0839, 0846, 0128060730046171, 3656, 6284, 6304, ଗୋସାଣିଗାଁ, ଓଡ଼ିଶା, 0129230700046871, 7228, 7423, 7465, 7502, 7550, 8129, 8175, 8185, 8816, 8980, 8981, 9266, 0204, 0129230730074616, 4459, 5809, 6470, 6717, 6758, 7243, 7258, 7616, 7804, 8292, 8753, 9977, 0365, 1187, 1607, 1681, 1735, 4070, 0511, ଜନନ ହସ୍‌ପିଟାଲ୍ ରୋଡ୍ - ବ୍ରହ୍ମପୁର, 0122350700037321, 9484, 0136, 1827, 0122350730080664, 0998, 1121, 1469, 1470, 2265, କୋମ୍ପାପଲ୍ଲୀ ମେନ୍ ରୋଡ୍, 0131650700024835, 6986, 7321, 7553, 7922, 0131650730061528, 7200, 9193, 9480, 0358, 0710, 2467, 2484, ପୁରୁଷୋତ୍ତମପୁର, 0136150700016806, 6869, 6933, 7005, 7022, 7096, 7304, 7743, 7767, 9270, 0136150730060594, 2797, 3294, 4220, 4989, 6218, 6463, 6696, 8190, 8595, 0395,

ଉପରୋକ୍ତ ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନଲିଖିତଗୁଡ଼ିକୁ ପାଳନ କରିବେ: - ଆଗ୍ରହୀ ନିଲାମକାରୀମାନେ ନିଲାମ ଦିନ ହିଁ NEFT/RTGS ମାଧ୍ୟମରେ EMD ଭାବରେ ଟ. 10,000/- (ଅସଫଳ ନିଲାମକାରୀମାନଙ୍କୁ ଫେରସ୍ତଯୋଗ୍ୟ) ଜମା କରିବା ଉଚିତ । ନିଲାମକାରୀମାନେ ବୈଧ ପରିଚୟ ପତ୍ର/ପାନ୍ କାର୍ଡ ନିଜ ସହିତ ଆଣିବା ଆବଶ୍ୟକ । ଅଧିକ ସୂଚନା ପାଇଁ ଦୟାକରି ମୋବାଇଲ୍ ନମ୍ବର -9072607147 ରେ ଯୋଗାଯୋଗ କରନ୍ତୁ ।

ଅଧିକୃତ ଅଧିକାରୀ
ମଣପ୍ପୁରମ୍ ଫାଇନାନ୍ସ ଲିମିଟେଡ ଉଦ୍ଦେଶ୍ୟରେ

# ଓଏସ୍ ପରୀକ୍ଷାରେ ସିଗ୍ଧାମୟୀଙ୍କ ସଫଳତା

କାକଟପୁର, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କାକଟପୁର ବ୍ଲକ ପାଟପୁରର ମଧ୍ୟବିତ୍ତ ଚାଷୀ ପରିବାର ରଞ୍ଜନ ସ୍ୱାଇଁ ଓ ମାତା ଟୁକୁନି ସ୍ୱାଇଁଙ୍କ ଝିଅ ସିଗ୍ଧାମୟୀ ସ୍ୱାଇଁ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ହାସଲ କରି ଅଂଚଳ ପାଇଁ ଗର୍ବ ଆଣିପାରିଛନ୍ତି। ଓଡିଶା ପ୍ରଶାସନିକ ସେବା ପରୀକ୍ଷାର ଫଳାଫଳ ପ୍ରକାଶିତ ହେବା ପରେ ରାଜ୍ୟରେ ମୋଟ (୨୦୦) ପରୀକ୍ଷାର୍ଥୀଙ୍କ ମଧ୍ୟରୁ କାକଟପୁର ବ୍ଲକ ପାଟପୁର ଅଂଚଳର ଝିଅ ସିଗ୍ଧାମୟୀ ସ୍ୱାଇଁ ୫୯ ନମ୍ବର ରାଙ୍କ ସ୍ଥାନରେ ରହିଛନ୍ତି। ଦୀର୍ଘ ୨ବର୍ଷରୁ ଉର୍ଦ୍ଧ କଠିନ ପରିଶ୍ରମ ସହ ନିଜେ ପ୍ରତିଦିନ ୮ରୁ ୧୦ଘଣ୍ଟା ପରିଶ୍ରମ କରି ସଫଳତା ହାସଲ କରିଛନ୍ତି। ବାପା ଓ ମା 'ଙ୍କ ଲକ୍ଷ୍ୟ ଥିଲା ଝିଅ ଓଏସ ହେଉ, ବାପା ଓ ମା ଙ୍କ ଲକ୍ଷ୍ୟକୁ ପୁରଣ ପାଇଁ କଠିନ ପରିଶ୍ରମ କରି ପାଠ ପଢୁଥିଲେ ସିଗ୍ଧାମୟୀ।



ତାଙ୍କର ଏହି ସଫଳତା ପଛରେ ଭଗବାନଙ୍କ ଆଶୀର୍ବାଦ ଏବଂ ପିତା ମାତାଙ୍କ ସହ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ, ସାଙ୍ଗଙ୍କ ପ୍ରେରଣା ଯୋଗୁଁ ସମ୍ଭବ ହୋଇ ପାରିଛି ବୋଲି ନିଜ ପ୍ରତିକ୍ରିୟା ରେ ସିଗ୍ଧାମୟୀ ପ୍ରକାଶ କରିଛନ୍ତି। ତାଙ୍କର ଏହି ସଫଳତା ଖବର ପ୍ରଚାରିତ ହେବା ପରେ ତାଙ୍କୁ କୁଣ୍ଢେଇ ଗ୍ରାମ ପଞ୍ଚାୟତ ର ପୂର୍ବତନ ସରପଞ୍ଚ ଶୁଭ୍ରଜିତ ମଲ୍ଲ ଶୁଭେଚ୍ଛା ଜଣାଇବା ସହ ଗ୍ରାମ ବାସୀ ମାନେ ତାଙ୍କର ଉତ୍ତୋରତ୍ତର କାମନା କରିଛନ୍ତି। କାକଟପୁର ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି।

# ଡକାୟତି ଯୋଜନା ବେଳେ ପୋଲିସ ହାତରେ ଧରାପଡ଼ିଲେ ୪ ଡକାୟତ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ଦୋଳସାହି ଗୋରୁହାଟ ନିକଟରେ ମଙ୍ଗଳବାର ରାତିରେ ଚାଲିଥିବା ଡକାୟତି ଯୋଜନା ପଣ୍ଡ ହୋଇଛି। ତିହିଡି ଥାନା ଆଇଆଇସି ଲୋପାମୁଦ୍ରା ନାୟକଙ୍କ ଇଣ୍ଟେଲିଜେନ୍ସ ଡକାୟତ ମାନଙ୍କ ଯୋଜନାକୁ ସମ୍ପୂର୍ଣ୍ଣ ପଣ୍ଡ କରିଦେଇଛି। ଯେଉଁଥି ପାଇଁ କିଛି ଲୋକଙ୍କର ଧନ ଜୀବନ ରକ୍ଷା ହୋଇଯାଇଛି। ଡକାୟତି ଯୋଜନା କରୁଥିବା ବେଳେ ୪ଜଣ ଡକାୟତ ତିହିଡ଼ି ପୋଲିସ ହାତରେ ଧରାପଡିଛନ୍ତି। ସେମାନେ ହେଉଛନ୍ତି ତିହିଡ଼ି ଥାନା ଅଧୀନ ତାଳପଦା ଗ୍ରାମର ଚନ୍ଦନ ବେହେରା, ବୈକୁଣ୍ଠସାହି ଗ୍ରାମର ଦୀପକ ନାୟକ, ଦୋଳସାହି ଗ୍ରାମର ଅଜୟ ଦାସ ଏବଂ କଷିଆ ମେରାଇନ ଥାନା ଅଧୀନ ବିଦେଇପୁର ଗ୍ରାମର ସତ୍ୟଜିତ ମଳିକ। ପୋଲିସ ଏହି



୪ଜଣ ଅଭିଯୁକ୍ତଙ୍କ ନାଁରେ ଏକ ମକଦ୍ଦମା ରୁଜୁ କରି ବୁଧବାର କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ଜଣାଯାଇଛି ଯେ ତିହିଡ଼ି ଥାନା ଏସଆଇ ରୋଜନ କୁମାର ମୁର୍ମୁ ଏବଂ କେତେଜଣ କନେଷ୍ଟବଳ ରାତି ପାଟ୍ରୋଲିଙ୍ଗ କରୁଥିବା ବେଳେ ସେହି ୪ଜଣ ଯୁବକଙ୍କୁ ସନ୍ଦେହ ଜନକ ଅବସ୍ଥାରେ ଦେଖିବାକୁ ପାଇଥିଲେ। ଏସଆଇ ମୁର୍ମୁ ଏ ସମ୍ପର୍କରେ ଆଇଆଇସି ଲୋପାମୁଦ୍ରା ନାୟକଙ୍କୁ ଜଣାଇବା ପରେ ସେହି ସ୍ଥାନ ଉପରେ ପୋଲିସ ଚଢ଼ାଉ କରି ଡକାୟତ ଯୋଜନା କରୁଥିବା ୪ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲା ବେଳେ ଜଣେ ଯୁବକ ସେଠାରୁ ଖସି ପଳାଇଥିବା ଜଣାଯାଇଛି। ପୋଲିସର ତଦନ୍ତ ସମୟରେ ସେମାନେ ମାରଣାସ୍ତ୍ର ରଖି ଡକାୟତି ଯୋଜନା କରୁଥିବା ଜଣାଯାଇଥିଲା। ଅଭିଯୁକ୍ତ ଦୀପକ ନାଁରେ ୨୦୧୪ ଠାରୁ ତିହିଡ଼ି ଥାନାରେ ୧୦ଟି ମକଦ୍ଦମା ହୋଇ ଥିବା ଜଣାଯାଡିଛି। ସେହିପରି ସତ୍ୟଜିତଙ୍କ ନାଁ'ରେ ବାସୁଦେବ ପୁର, ନାୟକାଣୀଡ଼ିହି ଏବଂ କଷିଆ ମେରାଇନ ଥାନାରେ ୮ ଟି ମକଦ୍ଦମା ଥିବାବେଳେ ଅନ୍ୟ ୨ ଅଭିଯୁକ୍ତ ମଧ୍ୟ ବିଭିନ୍ନ ମକଦ୍ଦମାରେ ସମ୍ପୃକ୍ତ ଥିବା ଜଣାଯାଇଛି।